**NEW PAPER:** Samaja

**DATE:** 04.12.2018

**PAGE:** 12

ସମାଜ
The Samaja

# ଏଏସ୍‌ବିଏମ୍‌ରେ ଜାତୀୟ ଫାଇନାନ୍‌ସ ସିମ୍ପୋଜିୟମ

ଭୁବନେଶ୍ୱର,୩।୧୨(ଭୁ.ପ୍ର): ଏସିଆନ ସ୍କୁଲ ଅଫ୍ ବିଜିନେସ୍ ମ୍ୟାନେଜମେଣ୍ଟ (ଏଏସ୍‌ବିଏମ୍) ଆନୁକୂଲ୍ୟରେ ୭ମ ଜାତୀୟ ଫାଇନାନସ୍ ସିମ୍ପୋଜିୟମ ୨୦୧୮ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତଟ ରେଳପଥର ଆର୍ଥିକ ପରାମର୍ଶଦାତା ରାଜ କୁମାର ମିନୋଚା ଯୋଗଦେଇ କହିଥିଲେ ଜଣେ ଯଦି କୌଣସି କ୍ଷେତ୍ରରେ ପୁଞ୍ଜି ବିନିଯୋଗ ପୂର୍ବରୁ ତାହାର ବିଭିନ୍ନ ଦିଗକୁ ବିଚାର କରିବା ଉଚିତ। ପୂର୍ବତନ ପ୍ରାଧ୍ୟାପକ ଡ. ରଞ୍ଜନ କୁମାର ବଳ, ବରିଷ୍ଠ ଚାର୍ଟାଡ଼ ଆକାଉଣ୍ଟାଣ୍ଟ ଏ.କେ.ସାବତ ଡ. ରାଜେନ୍ଦ୍ର ପି. ଶ୍ରୀବାସ୍ତବ, ରେଭେନ୍ସା ବିଶ୍ୱବିଦ୍ୟାଳୟର ଡ. କିଶୋର କୁମାର ଦାସ, କାନାରା ବ୍ୟାଙ୍କ ଡିଜିଏମ୍ ଶ୍ରୀକାନ୍ତ ମହାପାତ୍ର, ଏ. କେ. ରାଉତରାୟ ବକ୍ତାଭାବେ ଯୋଗଦେଇଥିଲେ। ଏହି ଅବସରରେ ଏଏସ୍‌ବିଏମ୍‌ର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ପ୍ରଫେସର ବିଶ୍ୱଜିତ ପଟ୍ଟନାୟକ ସମ୍ପୋଜିୟମର ଶୀର୍ଷକ ଉପରେ ଆଲୋକପାତ କରି ଆର୍ଥିକ ଶୃଙ୍ଖଳା ଉପରେ ଗୁରୁତ୍ୱାରୋପ କରିଥିଲେ।

